# Sixth Session of the India-Norway Joint Commission Meeting

October 13, 2020

---

## ଭାରତ-ନରୱେ ମିଳିତ ଆୟୋଗ ବୈଠକର ଷଷ୍ଠ ଅଧିବେଶନ

**ଅକ୍ଟୋବର** 13, 2020

1. ଅକ୍ଟୋବର 13, 2020 ରେ ଭାରତ-ନରୱେ ମିଳିତ ଆୟୋଗର ଷଷ୍ଠ ଅଧିବେଶନ ଏକ ଭର୍ଚୁଆଲ୍ ମଞ୍ଚରେ ଅନୁଷ୍ଠିତ ହୋଇଛି। ନରୱେ ପ୍ରତିନିଧି ଦଳର ନେତୃତ୍ୱ ବୈଦେଶିକ ମନ୍ତ୍ରୀ ମହାମହିମ ଶ୍ରୀମତି ଇନେ ଏରିକସେନ ସୋରେଇଡେ କରିଥିବାବେଳେ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ବୈଦେଶିକ ବ୍ୟାପାର ମନ୍ତ୍ରୀ ଶ୍ରୀ ଏସ୍ ଜୟଶଙ୍କର କରିଛନ୍ତି।

2. ଦୁଇ ମନ୍ତ୍ରୀ ସମସ୍ତ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରିଛନ୍ତି ତଥା ଏହି ଦିଗରେ ହୋଇଥିବା ଉଲ୍ଲେଖନୀୟ ଅଗ୍ରଗତି ଉପରେ ସନ୍ତୁଷ୍ଟି ପ୍ରକାଶ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ ନରୱେ ପ୍ରଧାନମନ୍ତ୍ରୀ ଏର୍ନା ସୋଲବର୍ଗଙ୍କ ଜାନୁଆରୀ 2019 ନୂଆଦିଲ୍ଲୀ ଗସ୍ତ ସମୟରେ ଭାରତ ଓ ନରୱେ ମଧ୍ୟରେ ବ୍ୟାପକ ଭାଗିଦାରୀ ପାଇଁ ରୂପରେଖା ପ୍ରସ୍ତୁତ ହୋଇଥିଲା।

3. କୋଭିଡ-19 ମହାମାରୀ ବିଶ୍ୱର ବିଭିନ୍ନ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସୃଷ୍ଟି କରିଥିବାର ଲକ୍ଷ୍ୟ ରଖି ମନ୍ତ୍ରୀମାନେ ଏହି ମହାମାରୀର ମୁକାବିଲା ପାଇଁ ଘନିଷ୍ଠ ସହଯୋଗ କରିବାକୁ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି। ବିଶ୍ୱସ୍ତରୀୟ ସେବା କୋଭାକ୍ସ ସ୍ଥାପନା ଏବଂ ନିରପେକ୍ଷ ଟୀକାକରଣ ପାଇଁ ବିଶ୍ୱସ୍ତରରେ କାର୍ଯ୍ୟକୁ ଉଭୟ ମନ୍ତ୍ରୀ ସ୍ୱାଗତ କରିଛନ୍ତି। ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ପାଇଁ ଉଭୟ ପକ୍ଷ ସେମାନଙ୍କର ପ୍ରତିବଦ୍ଧତାକୁ ନିଶ୍ଚିତ ଦୋହରାଇଛନ୍ତି।

4. ଉଭୟ ମନ୍ତ୍ରୀ ସହମତ ହୋଇଛନ୍ତି ଯେ ସୁଧୁରୁଥିବା କୋଭିଡ-19 ପରିସ୍ଥିତି ଅଧିକ ସ୍ଥାୟୀ ଅର୍ଥନୀତି ଗଠନ ପାଇଁ ସୁଯୋଗ ପ୍ରଦାନ କରୁଛି।

5. ଉଭୟ ପକ୍ଷ ସନ୍ତୋଷଜନକ ଭାବରେ ଉଲ୍ଲେଖ କରିଛନ୍ତିଯେ ବାଣିଜ୍ୟ ଏବଂ ନିବେଶ ଉପରେ କଥାବାର୍ତ୍ତା (ଡିଟିଆଇ) ବ୍ୟବସାୟିକ ସହଯୋଗ ତଥା ଭାରତର ପ୍ରମୁଖ୍ୟ କାର୍ଯ୍ୟକ୍ରମରେ ନରୱେ କମ୍ପାନୀଗୁଡିକର ଭାଗନେବାକୁ ଉତ୍ସାହିତ କରିଛି। ଜାନୁଆରୀ 2020 ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଡିଟିଆଇର ପ୍ରଥମ ବୈଠକରେ ସାମୁଦ୍ରିକ, ମତ୍ସ୍ୟ, ପର୍ଯ୍ୟଟନ, ଦକ୍ଷତା ବିକାଶ, ଅତି କ୍ଷୁଦ୍ର, କ୍ଷୁଦ୍ର ଏବଂ ମଧ୍ୟମ ଧରଣର ଉଦ୍ୟୋଗ (ଏମଏସଏମଇ) ଏବଂ ଅକ୍ଷୟ ଶକ୍ତି ଆଦି କ୍ଷେତ୍ରରେ ସହଯୋଗ ପାଇଁ ଚିହ୍ନଟ କରାଯାଇଥିଲା।

6. ବାଣିଜ୍ୟିକ ଓ ଅର୍ଥନୈତିକ ସଂପର୍କରେ ଅପ୍ରଯୁକ୍ତ ସମ୍ଭାବନାକୁ ହାସଲ କରିବା ପାଇଁ ଦ୍ୱିପାକ୍ଷିକ ବାଣିଜ୍ୟକୁ ବିସ୍ତାର କରିବାକୁ ଉଭୟ ପକ୍ଷ ସେମାନଙ୍କର ପ୍ରତିବଦ୍ଧତାକୁ ନିଶ୍ଚିତ କରିଛନ୍ତି। ଭାରତ ଓ ଇଏଫଟିଏ ବାଣିଜ୍ୟ ବୁଝାମଣାର ଶୀଘ୍ର ଚୂଡାନ୍ତ ହେବବୋଲି ଦୁଇ ମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି।

7. ଉଭୟ ପକ୍ଷ ସନ୍ତୋଷଜନକ ଭାବରେ ଉଲ୍ଲେଖ କରିଛନ୍ତି ଯେ ଓସେନ ଡାଇଲଗ ବା ମହାସାଗର କଥାବାର୍ତ୍ତାରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି ଏବଂ ସ୍ଥାୟୀ ବିକାଶ ପାଇଁ ନୀଳ ଅର୍ଥନୀତି ଉପରେ ଟାସ୍କ ଫୋର୍ସ ଦ୍ୱାରା ଉଭୟ ଭାରତ ଓ ନରୱେରେ ସମ୍ଭାବ୍ୟତାକୁ ଏକତ୍ର କରିବା ନିମନ୍ତେ ବିଶେଷ କରି ମତ୍ସ୍ୟଚାଷ, ମତ୍ସ୍ୟ ପାଳନ, ଏବଂ ସାମୁଦ୍ରିକ ବ୍ୟବହାର, ପାଣିଜାହାଜ ନିର୍ମାଣ, ପାଣିଜାହାଜ ପୁନଃପ୍ରକ୍ରିୟାକରଣ ଏବଂ

ସବୁଜ ବନ୍ଦର ପାଇଁ ସବୁଜ ପ୍ରଯୁକ୍ତିବିଦ୍ୟା ଭଳି ପଦକ୍ଷେପ ନିଆଯାଇଛି। ସାମୁଦ୍ରିକ ପ୍ରଦୂଷଣ, ସମନ୍ୱିତ ମହାସାଗର ପରିଚାଳନା ଏବଂ ଅନୁସନ୍ଧାନ ଏବଂ ସ୍ଥାନିକ ସାମୁଦ୍ରିକ ଯୋଜନା କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବା ଉପରେ ଉଭୟ ପକ୍ଷ ଗୁରୁତ୍ୱାରୋପ କରିଥିଲେ। ସ୍ଥାୟୀ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି କରିବା ସହିତ ମହାସାଗରର ସୁରକ୍ଷା ପାଇଁ ନୀଳ ଅର୍ଥନୀତିରେ ସହଯୋଗର ସମ୍ଭାବନା ଉପରେ ମନ୍ତ୍ରୀମାନେ ଜୋର ଦେଇଛନ୍ତି।

8. ସାମୁଦ୍ରିକ, ନୌବାଣିଜ୍ୟ, ହାଇଡ୍ରୋକାର୍ବନ୍, ପରିବେଶ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଏବଂ ଉଚ୍ଚଶିକ୍ଷା ପ୍ରସଙ୍ଗରେ ମିଳିତ କାର୍ଯ୍ୟ ସମୂହ ବା ଜେଡବ୍ଲୁଜି ଅଧୀନରେ କରାଯାଇଥିବା କାର୍ଯ୍ୟକଳାପକୁ ଉଭୟ ପକ୍ଷ ଉଲ୍ଲେଖ କରିଛନ୍ତି। ମିଳିତ କାର୍ଯ୍ୟ ସମୂହର ମହତ୍ତ୍ୱ ଉପରେ, ବିଶେଷ କରି ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା, ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ଏବଂ ସବୁଜ ଅର୍ଥବ୍ୟବସ୍ଥା ଆଡ଼କୁ ଗତି କରିବାରେ ଏହାର ଅବଦାନ ଉପରେ ଉଭୟ ମନ୍ତ୍ରୀ ଜୋର ଦେଇଛନ୍ତି।

9. ବିଶ୍ୱ ଶାନ୍ତି ଓ ନିରାପତ୍ତା ବଜାୟ ରଖିବାରେ ମିଳିତ ଜାତିସଂଘର କେନ୍ଦ୍ରୀୟ ଭୂମିକା ଉପରେ ଉଭୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ବର୍ତ୍ତମାନ ଯେହେତୁ ଭାରତ ଓ ନରୱେ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ନିର୍ବାଚିତ ଅସ୍ଥାୟୀ ସଦସ୍ୟ ଅଟନ୍ତି, ସଦସ୍ୟତା ଅବଧି 2021-22 ରେ ସୁରକ୍ଷା ପରିଷଦ ପ୍ରସଙ୍ଗରେ ବରିଷ୍ଠ ଅଧିକାରୀ ସ୍ତରରେ ନିୟମିତ ପରାମର୍ଶ ଜାରି ରଖିବାକୁ ଉଭୟ ପକ୍ଷ ସହମତ ହୋଇଛନ୍ତି।

10. ଆଞ୍ଚଳିକ, ବହୁପକ୍ଷୀୟ ଏବଂ ଆନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଉଭୟ ପକ୍ଷ ମତ ବିନିମୟ କରିଛନ୍ତି।

11. ପାରସ୍ପରିକ ସୁବିଧାଜନକ ତାରିଖରେ ଓସଲୋଠାରେ ମିଳିତ ଆୟୋଗର ପରବର୍ତ୍ତୀ ପର୍ଯ୍ୟାୟ ବୈଠକ ଆୟୋଜନ କରିବାକୁ ଉଭୟ ପକ୍ଷ ନିଷ୍ପତ୍ତି ନେଇଛନ୍ତି।

**ନୂଆଦିଲ୍ଲୀ**
**ଅକ୍ଟୋବର** 13, 2020

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.